ସମ୍ବାଦ

# ବେଙ୍ଗାଲୁରୁରେ 'ଗୁଞ୍ଜନ୍ ସନ୍ଧ୍ୟା'

କଟକ,୨୨।୯(ଇମିସ): ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସଙ୍କ 'ଗୁଞ୍ଜନ୍ ଡ୍ୟାନ୍ସ ଏକାଡେମି' ଗତ ତିନି ଦଶନ୍ଧି ଧରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠିତ କରିଥିବା ବେଳେ ଏହି ଅନୁଷ୍ଠାନ ପ୍ରତିବର୍ଷ ଅନେକଗୁଡ଼ିଏ ସାଂସ୍କୃତିକ ଉତ୍ସବ ଦ୍ୱାରା ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର ଜାରି ରଖିଛି। ଗତ ୧୨ବର୍ଷ ଧରି ଏହି ଅନୁଷ୍ଠାନ ଦେଶର ବିଭିନ୍ନ ସହରରେ ସ୍ୱତନ୍ତ୍ର 'ଗୁଞ୍ଜନ ସନ୍ଧ୍ୟା'ର ଆୟୋଜନ କରିଆସୁଥିବା ବେଳେ ଚଳିତବର୍ଷ ଏହିକ୍ରମରେ ୧୩ତମ କାର୍ଯ୍ୟକ୍ରମ ଭାବେ ବେଙ୍ଗାଲୁରୁରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। 'ସେଇ ରମଣୀ...' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ଗୁରୁ ମୀରାଙ୍କ ନେତୃତ୍ୱରେ ୬ଜଣିଆ ନୃତ୍ୟଦଳ ବେଙ୍ଗାଲୁରୁରୁ ଜେ.ସି ରୋଡ୍‌ସ୍ଥିତ ଏ.ଡି. ରଙ୍ଗମନ୍ଦିରରେ ନୃତ୍ୟ ପରିବେଷଣ କରୁଛନ୍ତି। 'ଗୁଞ୍ଜନ ଡ୍ୟାନ୍ସ ଏକାଡେମି' ଏହା ପୂର୍ବରୁ ମୁମ୍ବାଇ, ଦିଲ୍ଲୀ ଭଳି ୧୨ଟି ସହରରେ ଏଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଥିବା ଗୁରୁ ମୀରା ଦାସ ପ୍ରକାଶ କରିଛନ୍ତି।